# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 March - 2025

### News Editor : Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ନାରୀ ଶକ୍ତି ମାଧ୍ୟମରେ ବିକଶିତ ଭାରତ' ସମ୍ମିଳନୀକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

- ସୁଭଦ୍ରା ଯୋଜନାର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ପ୍ରଦାନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା; ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାଇଁ ସହାୟତା ଘୋଷଣା

- ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ

ଏବଂ

- ଆସନ୍ତା ମଇ ମାସରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ବୋର୍ଡର ସୂଚନା

## ନାରୀ ଶକ୍ତି ମାଧ୍ୟମରେ ବିକଶିତ ଭାରତ

କେନ୍ଦ୍ର ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆସନ୍ତା ଶନିବାର ଦିନ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ନାରୀ ଶକ୍ତି ମାଧ୍ୟମରେ ବିକଶିତ ଭାରତ' ସମ୍ପର୍କିତ ଜାତୀୟ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ଉତ୍ସବ ପରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଯେଉଁଥିରେ ଏସ୍‌ଟିଇଏମ୍, ବ୍ୟବସାୟ, ଖେଳ, ଗଣମାଧ୍ୟମ ଏବଂ ପ୍ରଶାସନିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ମହିଳାମାନେ ଅଂଶଗ୍ରହଣ କରିବେ।

## ସୁଭଦ୍ରା ସହାୟତା ରାଶି

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ଆଜି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ପର୍ଯ୍ୟାୟରେ ୨ ଲକ୍ଷ ୩୦ ହଜାରରୁ ଅଧିକ ନୂତନ ହିତାଧିକାରୀଙ୍କୁ ୧୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

**-V/O-**

ସେହିଭଳି ଆସନ୍ତା ଶନିବାର ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ସମସ୍ତ ହିତାଧିକାରୀଙ୍କୁ ୫ ହଜାର କୋଟି ଟଙ୍କା

ସହାୟତା ରାଶି ବ୍ରହ୍ମପୁରରେ ଦିଆଯିବ। ଏଥିସହ ସୁଭଦ୍ରା ଯୋଜନାକୁ ସଫଳତାର ସହ ସମ୍ପନ୍ନ କରିଥିବାରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଜି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି। ଅଙ୍ଗନୱାଡି କର୍ମୀଙ୍କୁ ୧୫ ଶହ ଟଙ୍କା ଓ ସହାୟିକାଙ୍କୁ ୫୦୦ ଟଙ୍କା ସହାୟତା ମିଳିବ।

## ଧର୍ମେନ୍ଦ୍ର ପ୍ରଧାନ-ପର୍ଯ୍ୟଟନ

ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହ ଦେବ୍ରିଗଡ଼, ଭୀମମଣ୍ଡଳୀ, ହୀରାକୁଦକୁ ପର୍ଯ୍ୟଟନ ଶକ୍ତି ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ତଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ହୀରାକୁଦ ଡ୍ୟାମ୍‌ଠାରୁ ମାତ୍ର ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଭୀମମଣ୍ଡଳୀରେ ହଜାର ହଜାର ବର୍ଷ ପୂର୍ବର ପଥର ଚିତ୍ର ଓ ଶିଳାଲେଖା ରହିଛି। ଏହାର ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା-ଏଏସ୍‌ଆଇକୁ ଦାୟିତ୍ୱ ଦେବାପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଦେବ୍ରଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପର୍ଯ୍ୟଟନର ଅପାର ସମ୍ଭାବନା ଥିବା ଯୋଗୁଁ ଏହାକୁ ଅଧିକ ବିକଶିତ କରିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ବିଧାନସଭା ଅଧିବେଶନ

ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଖର୍ଚ୍ଚଦାବୀ ଆଲୋଚନା ସହିତ ବ୍ୟୟ ମଞ୍ଜୁରୀ ବିଧେୟକ ପାରିତ ହେବ । ସୂଚନା ଅନୁସାରେ ସପ୍ତଦଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଗତ ଫେବୃୟାରୀ ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ ।

## ପ୍ରକଳ୍ପ ସମୀକ୍ଷା

ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଂଜାମ ଜିଲା ଗସ୍ତ କରି ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ମନ୍ତ୍ରୀ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମାଟ୍ରିକ୍ ପରୀକ୍ଷା

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ରେଜଲ୍ଟ ମଇ ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ୧୯ ତାରିଖରୁ ଖାତା ଦେଖା ଆରମ୍ଭ ହେବ। ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଛି ବୋଲି ଶ୍ରୀ ତରାଇ କହିଛନ୍ତି।

**-V/O-**

ଏହି ପରୀକ୍ଷା ପାଇଁ ପ୍ରଥମ ଥର ବୋର୍ଡ ପକ୍ଷରୁ ପ୍ରଶ୍ନପ୍ରତ୍ର ପ୍ରଘଟକୁ ରୋକିବା ପାଇଁ କ୍ୟୁଆରକୋର୍ଡର ବ୍ୟବସ୍ଥା କରାଯାଇଥିଲା । ପ୍ରଶ୍ନପତ୍ରର ପ୍ରତିଟି ପୃଷ୍ଠାରେ ଏହି କ୍ୟୁଆରକୋଡ୍ ରହିଥିଲା । ଯଦି କୌଣସି ବ୍ୟକ୍ତି ମୋବାଇଲ୍ ବା ଅନ୍ୟ କୌଣସି ଉପକରଣ ସହାୟତାରେ ପ୍ରଶ୍ନପତ୍ରର ଫଟୋ ଉତ୍ତୋଳନ କରି ପ୍ରଘଟ କରିବାକୁ ଚେଷ୍ଟା କରନ୍ତି ତା'ର ସବିଶେଷ ତଥ୍ୟ ଏହି କ୍ୟୁଆର କୋର୍ଡ ମାଧ୍ୟମରେ ଜଣାପଡିବ । କ୍ୟୁଆର କୋଡ୍‌କୁ ଲିଭେଇବାକୁ ଚେଷ୍ଟାକଲେ ପ୍ରଶ୍ନ ମଧ୍ୟ ଲିଭିଯିବ । ବୋର୍ଡ ପକ୍ଷରୁ କରାଯାଇଥିବା ଏହି ନୂତନ ଜ୍ଞାନ କୌଶଳ ଯୋଗୁଁ ଚଳିତ ଥର ପ୍ରଶ୍ନ ପତ୍ର ପ୍ରଘଟ ହୋଇନାହିଁ ବୋଲି ସଭାପତି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆଜି ଶେଷ ହୋଇଛି ।

## ସମୀକ୍ଷା ବୈଠକ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଦିନିକିଆ କନ୍ଧମାଳ ଗସ୍ତରେ ଯାଇ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି । ବସୁନ୍ଧରା ଯୋଜନା, ଜଳ, ଜଙ୍ଗଲ, ଜମି ଉପରେ ଆଦିବାସୀମାନଙ୍କ ଅଧିକାର ସ୍ୱାସ୍ଥ୍ୟ, ଶିକ୍ଷାନୁଷ୍ଠାନମାନଙ୍କୁ ଜମି ପଟ୍ଟା ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଜିଲ୍ଲାରେ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ବ୍ୟାପକ କରିବା ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ।

## ବିକଶିତ ଗାଁ-ବିକଶିତ ଓଡ଼ିଶା

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍ ଗୋବିନ୍ଦପୁର ଗ୍ରାମରେ ଅନୁଷ୍ଠିତ 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଛନ୍ତି। ରାଜ୍ୟର ସମସ୍ତ ଗ୍ରାମପଂଚାୟତରେ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଏବଂ ବିକାଶ ହୋଇପାରିଲେ ପଂଚାୟତ ସ୍ତରରେ ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

## ଲକ୍ଷପତି ଦିଦି କର୍ମଶାଳା

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଲକ୍ଷପତି ଦିଦି କର୍ମଶାଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୧ ତାରିଖରେ ୪ ହଜାର ମହିଳାଙ୍କୁ ନେଇ ହେବାକୁ ଥିବା କର୍ମଶାଳାର ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ସମସ୍ତ ସିଡିପିଓ ଓ ସୁପରଭାଇଜର ମହିଳାମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହେବ।

## ସୁଭଦ୍ରା ସଚେତନତା ଶୋଭାଯାତ୍ରା

**ନୟାଗଡ଼** ଜିଲ୍ଲା ଓଡଗାଁ ବ୍ଲକ୍‌ରେ ପଂଚାୟତସ୍ତରୀୟ ସୁଭଦ୍ରା ଯୋଜନା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୌଣସି ଯୋଗ୍ୟ

ହିତାଧିକାରୀ ଏହି ଯୋଜନାରୁ ବାଦ୍ ନପଡନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ଏହି ସମାବେଶରେ ଗୁରୁତ୍ୱାରୋପ କରାଯାଇଥିଲା।

## ଆନ୍ତର୍ଜାତୀୟ ମହିଳା ଦିବସ

ମହିଳାମାନଙ୍କୁ ସଶକ୍ତ କରିବା ନେଇ ଆସନ୍ତା ଶନିବାର ୮ ତାରିଖ ଦିନ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଏହାକୁ ନେଇ ଆସନ୍ତୁ ଶୁଣିବା ଆମ ସୁବର୍ଣ୍ଣପୁର ସମ୍ବାଦଦାତା ବେଣୁଧର ପ୍ରଧାନ ଦେଇଥିବା ଏକ ସ୍ୱତନ୍ତ୍ର ରିପୋର୍ଟ...

**- V/O –**

## ପଟ୍ଟା ବଣ୍ଟନ

**ବୌଦ୍ଧ** ଜିଲ୍ଲା ସଦର ବ୍ଲକ୍ କାର୍ଯ୍ୟାଳୟରେ ପେନ୍‌ସନ୍ ଓ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ଏବଂ ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ବିଭାଗୀୟ ଅଧିକାରୀମାନେ ପଟ୍ଟା ବଣ୍ଟନ କରିଥିଲେ।

## ପ୍ରଶିକ୍ଷଣ ଶିବିର

**ବଲାଙ୍ଗିର** କେନ୍ଦ୍ରୀୟ ପଣ୍ୟାଗାର ନିଗମ ଓ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଚାଷ କରିବା ପୂର୍ବରୁ ମୃତ୍ତିକା ପରୀକ୍ଷା, ଜୈବିକ ଚାଷ କରିବା, ସାରର କମ୍ ବ୍ୟବହାର ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।  ଦେଶକୁ ବିକଶିତ କରିବା ପାଇଁ ଉନ୍ନତ ଚାଷର

ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି କୃଷି ବୈଜ୍ଞାନିକମାନେ ଏହି ଶିବିରରେ ଗୁରୁତ୍ୱାରୋପ କରିଥିଲେ।

## ଜାତୀୟ ଦନ୍ତ ଚିକିତ୍ସକ ଦିବସ

ଦାନ୍ତଜନିତ ସମସ୍ୟା ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଭଲ ହୋଇପାରିବ। ଏ କ୍ଷେତ୍ରରେ ଦନ୍ତ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ନେଇ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୬ ତାରିଖକୁ ଜାତୀୟ ଦନ୍ତ ଚିକିତ୍ସକ ଦିବସ ପାଳନ କରାଯାଇଥାଏ।

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ ପରବର୍ତ୍ତୀ ସମୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗତକାଲି ବୌଦ୍ଧ ଜିଲ୍ଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୮ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା ।